بسم الله الرحمن الرحيم

**ଖୁତ୍‌ବା ଜୁମା ୩ ଜୁନ୍ ୨୦୨୨ର ସାରାଂଶ**
**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସ୍‌ଲାମାବାଦ୍, ଟେଲଫୋର୍ଡ ୟୁ.କେ**

# ହ. ଅବୁ ବକର୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀ ଆଲୋଚନା ଚକ୍ରରେ ୟମାମା ଯୁଦ୍ଧ ଅବସରରେ ସାହାବା ର.ଅଙ୍କ ମହାନ ବଳିଦାନର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ। ଅମ୍ମା ବାଦ୍‌ଫାଉଜ୍ଜୁ ବିଲ୍ଲାଃହି ମିନଶ୍ ଶୈତାନ୍ ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍ ରହ୍‌ମାନ୍ ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମାନ୍ ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଅଲୈହିମ୍ ୱଲଜ୍ୱାଲ୍‌ଲିନ୍ ।**

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ; ହ. ଅବୁ ବକର ର.ଅଙ୍କ ଚର୍ଚ୍ଚା ଚାଲିଥିଲା ଏବଂ ତତ୍‌ସଂକ୍ରାନ୍ତରେ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ମିଥ୍ୟାବାଦୀ ମୁସୈଲେମା ସହିତ ଯୁଦ୍ଧର ଚର୍ଚ୍ଚା ହୋଇଥିଲା । ଉକ୍ତ ଯୁଦ୍ଧରେ ଅନ୍‌ସାରଙ୍କ ଧ୍ୱଜା ହ. ସାବିତ୍ ବିନ୍ କୈସ୍‌ଙ୍କ ନିକଟରେ ରହିଥିଲା ଏବଂ ପ୍ରବାସକାରୀଙ୍କ ଧ୍ୱଜା ହ. ଜୈଦ୍ ବିନ୍ ଖତ୍ତାବ୍‌ଙ୍କ ନିକଟରେ ରହିଥିଲା । ହ. ଜୈଦ୍ ବିନ୍ ଖତ୍ତାବ ଲୋକମାନଙ୍କୁ କହିଲେ; ହେ ଲୋକମାନେ ! ଦୃଢତାର ସହିତ ଦଣ୍ଡାୟମାନ ହୋଇଯାଅ, ଶତ୍ରୁ ଉପରେ ଆକ୍ରମଣ କରି ପକାଅ ଏବଂ ଆଗକୁ ପାଦ ବଢାଅ । ପୁନଶ୍ଚ କହିଲେ; ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେ ମୁଁ ସେ ପର୍ଯ୍ୟନ୍ତ କଥାବାର୍ତ୍ତା କରିବି ନାହିଁ ଅବା ଅଲ୍ଲାଃତାଲାଙ୍କ ନିକଟକୁ ଚାଲିଯାଇ ନାହିଁ ଯେପର୍ଯ୍ୟନ୍ତ ଅଲ୍ଲାଃତାଲା ସେମାନଙ୍କୁ ପରାଜିତ ଓ ପତିତ କରିଦେଇ ନାହାନ୍ତି । ପୁନଶ୍ଚ ଏହାପରେ ହ. ଜୈଦ୍ ର.ଅ ବୀରଗତି ପ୍ରାପ୍ତ କଲେ । ହ. ଜୈଦ୍ ବିନ୍ ଖତ୍ତାବ ର.ଅଙ୍କ ସଂପର୍କରେ କୁହାଯାଏ ଯେ ସେ ହ. ଉମର୍ ବିନ୍ ଖତ୍ତାବ୍ ର.ଅଙ୍କ ପିତାଙ୍କ ପ୍ରଥମ ପତ୍ନୀଙ୍କ ସନ୍ତାନ ଅର୍ଥାତ ଭାଇ ଥିଲେ । ସେ ପ୍ରାରମ୍ଭିକ ଇସ୍‌ଲାମ୍ ଧର୍ମ ଗ୍ରହଣକାରୀଙ୍କ ମଧ୍ୟରେ ସାମିଲ ଥିଲେ । ବଦର୍ ଯୁଦ୍ଧ ଏବଂ ତତ୍‌ପରବର୍ତ୍ତୀ ଯୁଦ୍ଧରେ ସେ ସାମିଲ୍ ହୋଇଥିଲେ । ଆଁହଜରତ ସ.ଅଙ୍କ ପ୍ରବାସ ପରେ ତାଙ୍କ ଓ ମାଆନ୍ ବିନ୍ ଅଦି ଅନ୍‌ସାରୀ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କରିଥିଲେ ଏବଂ ସେ ଦୁହେଁ ହିଁ ୟମାମା ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ । ୟମାମା ଯୁଦ୍ଧରେ ହ. ଖାଲିଦ୍ ର.ଅ ଯେତେବେଳେ ସୈନ୍ୟଦଳକୁ କ୍ରମାନୁସାରେ ସଜାଡୁ ଥିଲେ ସେତେବେଳେ ସୈନ୍ୟଦଳର ଏକ ଭାଗର ସେନାପତି ହ. ଜୈଦ୍ ବିନ୍ ଖତ୍ତାବ ର.ଅଙ୍କୁ ନିଯୁକ୍ତ କରିଥିଲେ ଏବଂ ସେହିପରି ଉକ୍ତ ଯୁଦ୍ଧରେ ପ୍ରବାସକାରୀଙ୍କ ବାନା ତାଙ୍କରି ହସ୍ତରେ ରହିଥିଲା । ସେ ବାନା ଧରି ଆଗକୁ ଅଗ୍ରସର ହେଲେ ଏବଂ ଅତ୍ୟନ୍ତ ସାହସିକତାର ସହିତ ଯୁଦ୍ଧ ଲଢିଲେ । ଏପର୍ଯ୍ୟନ୍ତକି ବୀରଗତି ପ୍ରାପ୍ତ କରିବା ଫଳରେ ତାଙ୍କ ହସ୍ତରୁ ବାନା ଖସି ପଡ଼ିଲା । ସାଲିମ୍ ମୌଲା ଅବି ହୁଜୈଫା ର.ଅ ସେହି ବାନାକୁ ଧରି ନେଇଥିଲେ । ଉକ୍ତ ଯୁଦ୍ଧରେ ଜୈଦ୍ ର.ଅ ମୁସୈଲେମାର ଡାହାଣ ହାତ କାଟି ଦେଇଥିଲେ ଓ ଅନ୍ୟ ଜଣେ ସାହସୀ ଅଶ୍ୱାରୋହୀ ଯାହାର ନାମ ରଜ୍ଜାଲ୍ ବିନ୍ ଅନ୍‌ଫୁଆ ଥିଲା ତାହାର ବଧ କରିଥିଲେ । ହ. ଜୈଦ୍ ର.ଅଙ୍କୁ ଯେଉଁ ହତ୍ୟାକାରୀ ଶହୀଦ୍ କରିଥିଲା ତାହାର ନାମ ମରିୟମ୍ ହନ୍‌ଫୀ ଥିଲା । ଏହି ଘଟଣା ପରେ ସେ ମୁସଲମାନ ହୋଇଯାଇଥିଲା ଏବଂ ଏକଦା ହ. ଉମର୍ ର.ଅ ତାକୁ କହିଲେ; ତୁମେ ମୋର ଭାଇକୁ ହତ୍ୟା କରିଥିଲ ପରା? ସେ କହିଲା ହେ ଅମୀରୁଲ୍ ମୁମିନିନ୍ ! ଅଲ୍ଲାଃତାଲା ମୋ ହସ୍ତରେ ହିଁ ହ. ଜୈଦ୍ ର.ଅଙ୍କୁ ମର୍ଯ୍ୟାଦା ପ୍ରଦାନ କଲେ ଏବଂ ତାହାଙ୍କ ହସ୍ତ ଦ୍ୱାରା ମୋତେ ତିରସ୍କୃତ କଲେ ନାହିଁ । ଅର୍ଥାତ ସେ ତ' ବୀରଗତି ପ୍ରାପ୍ତ କରିନେଲେ ଏବଂ ମୁଁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲି । ହ. ଉମର୍ ର.ଅଙ୍କୁ ଯେତେବେଳେ ହ. ଜୈଦ୍ ର.ଅଙ୍କ ବୀରଗତିର ସୂଚନା ମିଳିଲା ସେତେବେଳେ ହ. ଉମର୍ ର.ଅ କହିଲେ; ଜୈଦ୍ ଦୁଇଟି ପୁଣ୍ୟରେ ମୋ ଠାରୁ ଆଗେଇ ଗଲା । ଅର୍ଥାତ ପ୍ରଥମତଃ ସେ ସର୍ବପ୍ରଥମେ ଇସଲାମ୍ ଧର୍ମ ଗ୍ରହଣ କଲେ ଏବଂ ଦ୍ୱିତୀୟତଃ ସେ ମୋ ପୂର୍ବରୁ ବୀରଗତି ପ୍ରାପ୍ତ କଲେ । ମାଲିକ୍ ବିନ୍ ନୁୱୈରାହ୍‌କୁ ଯେତେବେଳେ ହ. ଖାଲିଦ୍ ର.ଅ ବଧ କଲେ ସେତେବେଳେ ତା'ର ଭାଇ ମୁତମ୍ମିମ୍ ବିନ୍ ନୁୱୈରାହ୍ ନିଜର

ଭାଇର ହତ୍ୟା ହୋଇଥିବା ଉଦ୍ଦେଶ୍ୟରେ ସମ୍ବୋଧନାତ୍ମକ ଶୋକ କବିତା କହିଲା । ସେ ନିଜ ଭାଇକୁ ବହୁତ ଭଲ ପାଉଥିଲା । ଏକଦା ହ. ଉମର୍ ର.ଅଙ୍କ ସହିତ ଯେତେବେଳେ ତା'ର ସାକ୍ଷାତ୍ ହେଲା ସେତେବେଳେ ସେ ନିଜ ଭାଇ ଉଦ୍ଦେଶ୍ୟରେ ଶୋକ କବିତା ହ. ଉମର୍ ର.ଅଙ୍କୁ ଶୁଣାଇଲା । ହ. ଉମର୍ ର.ଅ ମୁତମ୍ମିମ୍‌କୁ କହିଲେ; ହେ ମୁତମ୍ମିମ୍ ! ମୁଁ ଯଦି ତୁମ ପରି ନିଜ ଭାଇ ଜୈଦ୍ ପାଇଁ ଶୋକ ଗୀତିକା କହିପାରନ୍ତି ତାହାହେଲେ କେତେ ଭଲ ହୁଅନ୍ତା ! ପ୍ରତ୍ୟୁତ୍ତରରେ ମୁତମ୍ମିମ୍ କହିଲା ହେ ଅମୀରୁଲ୍ ମୁମିନିନ୍ ! ହ. ଜୈଦ୍ ର.ଅଙ୍କ ପରି ଯଦି ମୋ ଭାଇ ମାଲିକ୍‌ର ମୃତ୍ୟୁ ଘଟି ଥାଆନ୍ତା ଅର୍ଥାତ ସେ ଯଦି ବୀରଗତି ପ୍ରାପ୍ତ କରିଥାଆନ୍ତା ତେବେ ମୁଁ କେବେବି ଶୋକାକୁଳ ଅବସ୍ଥାର ଶିକାର ହୋଇ ନଥାଆନ୍ତି । ହ. ଉମର୍ ର.ଅ ପୁନଶ୍ଚ ମୁତମ୍ମିମ୍‌କୁ କହିଲେ; ହେ ମୁତମ୍ମିମ୍ ! ଯେଉଁଭଳି ସୁନ୍ଦର ଢଙ୍ଗରେ ତୁମେ ମୋର ଭାଇ ହ. ଜୈଦ୍‌ଙ୍କ ଅନ୍ତିମ ସଂସ୍କାର କଲ ସେଭଳି ଆଉ କେହି କରି ନାହାନ୍ତି । ହ. ଉମର ର.ଅ କହୁଥିଲେ ଯେ, ଯେତେବେଳେ ମଳୟ ପବନ ବହେ ସେତେବେଳେ ହ. ଜୈଦ ର.ଅଙ୍କ କଥା ମୋର ଭାରି ମନେ ପଡ଼େ ।

ହୁଜୁର ଅନ୍ୱର ଅ.ବ କହିଲେ : ସେ ଯାହା ହେଉ ନା କାହିଁକି ମିଥ୍ୟାବାଦୀ ମୁସୈଲେମା ବର୍ତ୍ତମାନ ସୁଦ୍ଧା ଅବିଚଳ ଥିଲା ଏବଂ ଅବିଶ୍ୱାସକାରୀଙ୍କ ଯୁଦ୍ଧର କେନ୍ଦ୍ରସ୍ଥଳୀ ସାଜିଥିଲା । ହ. ଖାଲିଦ୍ ର.ଅ ଏହା ଆକଳନ ତଥା ଅନୁଧ୍ୟାନ କଲେ ଯେ, ଯେପର୍ଯ୍ୟନ୍ତ ମୁସୈଲେମାକୁ ବଧ କରି ନଦିଆଯାଇଛି ସେପର୍ଯ୍ୟନ୍ତ ଯୁଦ୍ଧର ପରିସମାପ୍ତି ଘଟିବ ନାହିଁ । ସୁତରାଂ ହ. ଖାଲିଦ୍ ର.ଅ ଏକୁଟିଆ ଅବିଶ୍ୱାସକାରୀଙ୍କ ସମ୍ମୁଖକୁ ଆସିଲେ ଏବଂ ଗୋଟି ଗୋଟି କରି ସେମାନଙ୍କ ସହିତ ବ୍ୟକ୍ତିଗତ ଡାକ ମାରିଲେ । ଅତଃ ଯିଏବି ହ. ଖାଲିଦ୍ ର.ଅଙ୍କ ସମ୍ମୁଖକୁ ଆସିଲା ହ. ଖାଲଦି ର.ଅ ତାକୁ ବଧ କରିଦେଲେ । ହ. ଖାଲିଦ୍ ର.ଅ ମୁସୈଲେମାକୁ ମୁକାବିଲା କରିବା ପାଇଁ ଆମନ୍ତ୍ରିତ କଲେ କିନ୍ତୁ ସେ ପଳାୟନ କଲା ଏବଂ ତା'ର ସାଥିମାନେ ମଧ୍ୟ ପଳାୟନ କଲେ । ଅତଏବ ହ. ଖାଲିଦ୍ ର.ଅ ମୁସଲମାନମାନଙ୍କୁ କହିଲେ; ଯେ ହୁଶିଆର ! ମଠାମୀ ପ୍ରଦର୍ଶନ କରିବ ନାହିଁ । ଆଗକୁ ବଢ ଏବଂ କାହାରିକୁ ଜୀବନ୍ତ ଖସିବାକୁ ଦେବ ନାହିଁ । ଫଳତଃ ମୁସଲମାନମାନେ ସେମାନଙ୍କ ଆଡ଼କୁ ମାଡ଼ି ଚାଲିଲେ । ଉକ୍ତ ଯୁଦ୍ଧରେ ସାହାବାମାନେ ଯେଉଁ ଅପୂର୍ବ ଅବିଚଳତା ଓ ବୀରତ୍ୱ ପ୍ରଦର୍ଶନ କରିଥିଲେ ତାହାର ଦୃଷ୍ଟାନ୍ତ ଏବଂ ପଟାନ୍ତର ଅନ୍ୟ କେଉଁଠି ଦେଖିବାକୁ ମିଳୁ ନାହିଁ । ମୁସଲମାନମାନେ ଅହରହ ଭାବରେ ଶତ୍ରୁ ଆଡ଼କୁ ଅଗ୍ରସର ହୋଇଚାଲିଲେ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଶତ୍ରୁ ବିରୁଦ୍ଧରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ଏବଂ ଅବିଶ୍ୱାସକାରୀମାନେ ପିଠି ଦେଖାଇ ପଳାୟନ କଲେ । ମୁସଲମାନମାନେ ସେମାନଙ୍କର ପିଛା କଲେ ଏବଂ ସେମାନଙ୍କ ଉପରେ ଖଡ଼୍‌ଗ ସାହାଯ୍ୟରେ ଆକ୍ରମଣ କଲେ । ଏପର୍ଯ୍ୟନ୍ତକି ସେମାନଙ୍କୁ ଏକ ଉଦ୍ୟାନରେ ଆଶ୍ରୟ ନେବା ପାଇଁ ବାଧ୍ୟ କରିଦେଲେ । ଉକ୍ତ ଉଦ୍ୟାନଟି ଅତ୍ୟନ୍ତ ପ୍ରଶସ୍ତ ଥିଲା ଏବଂ ତାହାର ଚାରି ପାଖରେ କାନ୍ଥ ମଧ୍ୟ ରହିଥିଲା । ଉକ୍ତ ଉଦ୍ୟାନଟି ଯୁଦ୍ଧ ଭୂମିର ନିକଟବର୍ତ୍ତୀ ରହିଥିଲା ଏବଂ ତାହା ମୁସୈଲେମାର ସମ୍ପତ୍ତି ଥିଲା । ମୁସୈଲେମା ନିଜ ସାଥିମାନଙ୍କ ସମେତ ସେହି ଉଦ୍ୟାନକୁ ଚାଲିଗଲା । ସୁତରାଂ ଅବିଶ୍ୱାସକାରୀମାନେ ଉଦ୍ୟାନର ମୁଖ୍ୟ ଦ୍ୱାର ବନ୍ଦ କରିଦେଲେ । ସାହାବାମାନେ ଚତୁର୍ପାର୍ଶ୍ୱରୁ ଉକ୍ତ ଉଦ୍ୟାନର ଘେରାଉ କଲେ । ମୁସଲମାନମାନେ ଉକ୍ତ ଉଦ୍ୟାନରେ ପ୍ରବେଶ କରିବା ପାଇଁ ମାର୍ଗ ଖୋଜୁଥିଲେ ଯେ, କୌଣସି ମତେ ଉକ୍ତ ଉଦ୍ୟାନରେ ପ୍ରବେଶ କରିନେବା । କିନ୍ତୁ ଉକ୍ତ ଉଦ୍ୟାନଟି ଦୁର୍ଗ ପରି ଦେଖା ଯାଉଥିଲା । ମାର୍ଗ ଖୋଜିବା ସତ୍ତ୍ୱେ ମଧ୍ୟ ତା' ମଧ୍ୟକୁ ପ୍ରବେଶ କରିବା ପାଇଁ କୌଣସି ବାଟ ମିଳି ପାରିଲା ନାହିଁ । ପରିଶେଷରେ ହ. ବରାଅ ବିନ୍ ମାଲିକ୍ ଯିଏ ହ. ଅନସ୍ ବିନ୍ ମାଲିକ୍‌ଙ୍କ ଭାଇ ଥିଲେ, ସେ କହିଲେ; ହେ ମୁସଲମାନମାନେ ଉଦ୍ୟାନ ମଧ୍ୟରେ ପ୍ରବେଶ କରିବାର କେବଳ ଗୋଟିଏ ବାଟ ରହିଛି ଏବଂ ତାହା ହେଉଛି ଯେ ତୁମେମାନେ ମୋତେ ଟେକି ଉକ୍ତ ଉଦ୍ୟାନରେ ଫିଙ୍ଗିଦିଅ । ମୁଁ ଭିତରକୁ ଯାଇ ମୁଖ୍ୟଦ୍ୱାର ଖୋଲିଦେବି । କିନ୍ତୁ ମୁସଲମାନମାନେ ଏହା ପସନ୍ଦ କଲେ ନାହିଁ ଯେ ସେମାନଙ୍କର ସର୍ବୋଚ୍ଚ ମର୍ଯ୍ୟାଦାସମ୍ପନ୍ନ ସାଥି ହଜାର ସଂଖ୍ୟକ ଶତ୍ରୁଙ୍କ ଗହଣକୁ ଯାଇ ନିଜର ପ୍ରାଣ ହରାନ୍ତୁ । ତେଣୁ ସେମାନେ ଏପରି କରିବାକୁ ମନା କରିଦେଲେ । କିନ୍ତୁ ହ. ବରାଅ ବିନ୍ ମାଲିକ୍ ଜିଦ୍ କଲେ ଏବଂ କହିଲେ; ମୁଁ ତୁମମାନଙ୍କୁ ଅଲ୍ଲାଃତାଲାଙ୍କ ଶପଥ ଦେଉଛି ଯେ ମୋତେ ଉଦ୍ୟାନ ମଧ୍ୟକୁ ଫିଙ୍ଗିଦିଅ । ପରିଶେଷରେ ମୁସଲମାନମାନେ ତା'ଙ୍କୁ ଉଦ୍ୟାନର ପ୍ରାଚୀର ଉପରେ ଚଢେଇଦେଲେ । ପ୍ରାଚୀର ଉପରେ ଚଢି ଯେତେବେଳେ ବରାଅ ବିନ୍ ମାଲିକ୍ ଶତ୍ରୁର ବିଶାଳ ସଂଖ୍ୟାକୁ ଦେଖିଲେ ସେତେବେଳେ ସେ ମୁହୂର୍ତ୍ତକ ପାଇଁ ସ୍ତବ୍ଧ ହୋଇଗଲେ । କିନ୍ତୁ ଅପର ମୁହୂର୍ତ୍ତରେ ଅଲ୍ଲାଃତାଲାଙ୍କ ନାମ ନେଇ ଉଦ୍ୟାନର ମୁଖ୍ୟ ଦ୍ୱାର ସମ୍ମୁଖରେ ଡେଇଁ ପଡ଼ିଲେ

ଏବଂ ଶତ୍ରୁ ସହିତ ଯୁଦ୍ଧ କରି ସେମାନଙ୍କୁ ବଧ କରି ଦ୍ୱାର ଆଡ଼କୁ ଅଗ୍ରସର ହେବାକୁ ଲାଗିଲେ । ପରିଶେଷରେ ସେ ଦୁଆର ପର୍ଯ୍ୟନ୍ତ ପହଞ୍ଚିବାରେ ସଫଳ ମଧ୍ୟ ହୋଇଗଲେ ଏବଂ ଉଦ୍ୟାନର ମୁଖ୍ୟ ଫାଟକ ଖୋଲିଦେଲେ । ମୁସଲମାନମାନେ ଦ୍ୱାର ଫିଟିବାର ଅପେକ୍ଷା କରୁଥିଲେ । ଯେତେବେଳେ ଦ୍ୱାର ଖୋଲିଲା ସେମାନେ ଉଦ୍ୟାନ ମଧ୍ୟରେ ପ୍ରବେଶ କରିଗଲେ ଏବଂ ଶତ୍ରୁକୁ ବଧ କରିବାକୁ ଲାଗିଲେ । ହଜାରରୁ ଉର୍ଦ୍ଧ୍ୱ ଅବିଶ୍ୱାସକାରୀମାନେ ମୁସଲମାନମାନଙ୍କ ହସ୍ତରେ ବଧ ହେଲେ । ମୁସଲମାନମାନେ ବିଧର୍ମୀମାନଙ୍କ ସହିତ ଯୁଦ୍ଧ କରି ମିଥ୍ୟାବାଦୀ ମୁସୈଲେମା ପର୍ଯ୍ୟନ୍ତ ପହଞ୍ଚିଗଲେ । ୱହ୍‌ଶି ବିନ୍ ହର୍ବ ଯିଏ ଓହୋଦ୍ ଯୁଦ୍ଧରେ ହ. ହମ୍‌ଜା ର.ଅଙ୍କୁ ଶହୀଦ୍ କରିଥିଲା ସେ ମୁସୈଲେମା ଆଡ଼କୁ ଅଗ୍ରସର ହେଲା ଏବଂ ନିଜର ସେହି ବର୍ଚ୍ଛା ଯାହା ସାହାଯ୍ୟରେ ସେ ହ. ହମ୍‌ଜା ର.ଅଙ୍କୁ ଶହୀଦ୍ କରିଥିଲା ସେହି ବର୍ଚ୍ଛା ସେ ମୁସୈଲେମା ଆଡ଼କୁ ଫିଙ୍ଗିଲା ଏବଂ ତାହା ତା' ଶରୀରକୁ ଶରବିଦ୍ଧ କରିଲା ଓ ଶରୀରର ଆର ପାର୍ଶ୍ୱକୁ ଫୁଟି ବାହାରି ପଡ଼ିଲା । ପୁନଶ୍ଚ ହ. ଅବୁ ଦୁଜାନା ତା' ଆଡ଼କୁ ଅଗ୍ରସର ହେଲେ ଏବଂ ତା' ଉପରେ ଖଡ଼୍‌ଗ ଦ୍ୱାରା ଆକ୍ରମଣ କଲେ । ଫଳତଃ ସେ ଭୂମି ଉପରେ ପତିତ ହୋଇ ମୃତ୍ୟୁ ବରଣ କଲା ।

ହୁଜୁର ଅନ୍‌ୱର ଅ.ବ କହିଲେ : ୟମାମା ଯୁଦ୍ଧର ବିସ୍ତୃତ ବିବରଣୀ ସଂପର୍କରେ ଅନ୍ୟ ଏକ ସ୍ଥାନରେ ଏହିପରି ବର୍ଣ୍ଣିତ ହୋଇଛି ଯେ ମୁସଲମାନମାନେ ଉକ୍ତ ଯୁଦ୍ଧରେ ଯେଉଁ ଅପୂର୍ବ ବୀରତ୍ୱ ଓ ସାହସିକତା ପ୍ରଦର୍ଶନ କିରଥିଲେ ତାହାର ନକ୍ସା ଟଣା ଯାଇଛି । ଅର୍ଥାତ ଉଭୟ ଗୋଷ୍ଠୀ ମଧ୍ୟର ଘମାଘୋଡ଼ ଯୁଦ୍ଧ ହେଲା । ଏପର୍ଯ୍ୟନ୍ତକି ଉଭୟ ପକ୍ଷର ଶତାଧିକ ସୈନ୍ୟ ନିହତ ଏବଂ ଆହତ ହେଲେ । ମୁସଲମାନମାନଙ୍କ ମଧ୍ୟରୁ ମାଲିକ୍ ବିନ୍ ଅସ୍ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ । ସେହିପରି ପବିତ୍ର କୁରଆନ୍ କରୀମ୍ କଣ୍ଠସ୍ଥ କରିଥିବା ଅନେକ ହୁଫ୍ଫାଜମାନେ ମଧ୍ୟ ବୀରଗତି ପ୍ରାପ୍ତ କରିଥିଲେ । ଏପର୍ଯ୍ୟନ୍ତକି ମୁସଲମାନ ସୈନ୍ୟଦଳ ମୁସୈଲେମା ସୈନ୍ୟଦଳ ମଧ୍ୟରେ ଧସେଇ ପ୍ରବେଶ କଲା । ସାଲିମ୍ ମୌଲା ଅବୁ ହୁଜୈଫା ନିଜର ଅର୍ଦ୍ଧାଧିକ ଗୋଇଠି ପର୍ଯ୍ୟନ୍ତ ଗର୍ତ୍ତ ଖୋଳିନେଲେ । ତାଙ୍କ ନିକଟରେ ପ୍ରବାସକାରୀଙ୍କ ଧ୍ୱଜା ରହିଥିଲା ଏବଂ ହ. ସାବିତ୍ ମଧ୍ୟ ସେହିପରି ନିଜ ପାଇଁ ଏକ ଗର୍ତ୍ତ ଖୋଳିଲେ ଏବଂ ତାଙ୍କ ନିକଟରେ ଅନ୍‌ସାର୍‌ମାନଙ୍କର ଧ୍ୱଜା ରହିଥିଲା । ଏହାପରେ ଦୁହେଁ ନିଜର ଧ୍ୱଜାକୁ ନିଜ ସହିତ ସଂଲଗ୍ନ କରିନେଲେ । ଏପର୍ଯ୍ୟନ୍ତକି ସାଲିମ୍ ବୀରଗତି ପ୍ରାପ୍ତ କଲେ ଏବଂ ହ. ଅବୁ ହୁଜୈଫା ମଧ୍ୟ ବୀରଗତି ପ୍ରାପ୍ତ କଲେ । ହ. ଅବୁ ହୁଜୈଫାଙ୍କ ମସ୍ତକ ସାଲିମ୍‌ର ପାଦ ତଳେ ପଡ଼ିଥିଲା ଏବଂ ସାଲିମ୍ ର.ଅଙ୍କ ମସ୍ତକ ହ. ଅବୁ ହୁଜୈଫାଙ୍କ ପାଦ ତଳେ ପଡ଼ି ରହିଥିଲା । ଯେତେବେଳେ ହ. ସାଲିମ୍ ର.ଅ ବୀରଗତ ପ୍ରାପ୍ତ କଲେ ସେତେବେଳେ ଧ୍ୱଜା କିଛି ସମୟ ପାଇଁ ଏହିପରି ଭାବରେ ପଡ଼ି ରହିଲା । ପୁନଶ୍ଚ ବଦରୀ ସାହାବି ୟଜିଦ୍ ବିନ୍ କୈସ୍ ଆଗକୁ ବଢିଲେ ଏବଂ ଧ୍ୱଜାକୁ ଉଠାଇ ନେଲେ । ଏପରିକି ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ । ତେବେ ଧ୍ୱଜା ଏହିପରି ଭାବରେ କିଛି ସମୟ ପାଇ ତଳେ ପଡ଼ି ରହିଲା । ପୁନଶ୍ଚ ହିକମ୍ ବିନ୍ ସଇଦ୍ ବିନ୍ ଆସ୍ ସେହି ଧ୍ୱଜାକୁ ଧରିନେଲେ ଏବଂ ତା'ର ସୁରକ୍ଷାରେ ସାରାଦିନ ଯୁଦ୍ଧରତ ରହିଲେ । ପୁନଶ୍ଚ ସେ ମଧ୍ୟ ବୀରଗତି ପ୍ରାପ୍ତ କଲେ । ୱହ୍‌ଶି କହନ୍ତି ଯେ, ଘମାଘୋଡ଼ ଯୁଦ୍ଧ ହେଲା । ମୁସଲମାନମାନେ ତିନି ତିନି ଥର ଯୁଦ୍ଧରେ ପରାଜିତ ହେବା ପରେ ଚତୁର୍ଥ ଥର ମୁସଲମାନମାନେ ପାଲଟା ଅକ୍ରମଣ କରିଦେଲେ ଏବଂ ଯୁଦ୍ଧଭୂମିରେ ତିଷ୍ଠି ରହିଲେ । ମୁସଲମାନମାନେ ଖଡ଼୍‌ଗ ଆଗରେ ନିର୍ଭୀକ ଭାବରେ ଛିଡ଼ା ହୋଇଗଲେ । ଅଲ୍ଲାଃତାଲା ଆମମାନଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କଲେ ଏବଂ ବନି ହନିଫାକୁ ଅଲ୍ଲାଃତାଲା ପରାଜିତ କଲେ ଏବଂ ମୁସୈଲେମାକୁ ମୁସଲମାନମାନେ ବଧ କରିଦେଲେ । ୱହ୍‌ଶି କହନ୍ତି ; ମୁଁ ସେଦିନ ଖୁବ ଖଡ଼୍‌ଗ ଚାଳନା କଲି । ଏପର୍ଯ୍ୟନ୍ତକି ସେହି ଖଡ଼୍‌ଗଟି ମୋ ହସ୍ତରେ ଖଡ଼ଗର ମୁଠା ପର୍ଯ୍ୟନ୍ତ ରକ୍ତ ରଞ୍ଜିତ ହୋଇଗଲା । ହ. ଇବ୍‌ନେ ଉମର୍ କହନ୍ତି ଯେ ମୁଁ ହ. ଅମ୍ମାର୍‌ଙ୍କୁ ଏକ ଚଟାଣ ଉପରେ ଚଢୁଥିବାରେ ଦେଖିଲି । ସେ ଡାକୁଥିଲେ ଯେ ହେ ମୁସଲମାନମାନଙ୍କର ସୈନ୍ୟଦଳ ! କ'ଣ ତୁମେମାନେ ବୈକୁଣ୍ଠ ଛାଡ଼ି ପଳାୟନ କରୁଛ ? ମୁଁ ଅମ୍ମାର ବିନ୍ ୟାସିର୍ ମୋ ଆଡ଼କୁ (ଧାଇଁ) ଆସ । ବର୍ଣ୍ଣନାକାରୀ କହନ୍ତି ଯେ ମୁଁ ଦେଖୁଥିଲି ଯେ ସେମାନଙ୍କର କାନ କଟି ଓହଳି ଯାଇଥିଲା । ଅବୁ ଖୈସମା ନଜ୍ଜାରୀ କହନ୍ତି ଯେ, ମୁସଲମାନମାନେ ଯେତେବେଳେ ୟମାମା ଯୁଦ୍ଧରେ ବିକ୍ଷିପ୍ତ ହୋଇଗଲେ ସେତେବେଳେ ମୁଁ ଗୋଟିଏ ପାର୍ଶ୍ୱକୁ ଘୁଞ୍ଚି ଗଲି ଏବଂ ମୁଁ ଏହି ଦୃଶ୍ୟ ଅର୍ଥାତ ମୁଁ ସେଦିନ ହ. ଅବୁ ଦୁଜାନାଙ୍କୁ ଦେଖୁଥିଲି । ଅବୁ ଦୁଜାନା ଉପରେ ବନୁ ହନିଫାର ସୈନ୍ୟଦଳ ଯେତେବେଳେ ଆକ୍ରମଣ କରିଦେଲା ସେତେବେଳେ ଆପଣ ମଧ୍ୟ ନିଜ ସମ୍ମୁଖରେ, ବାମ ପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱରେ ଖଡ଼୍‌ଗ ଚାଳନା କଲେ ।

ହୁଜୁର ଅନୱର ଅ.ବ କହିଲେ : ବର୍ତ୍ତମାନ ମୁଁ ପାକିସ୍ତାନ ପାଇଁ ଦୁଆ କରିବାକୁ ଆହ୍ୱାନ ଜଣାଉଛି । ସେଠାରେ ସାମୂହିକ ରୂପେ ଅତି ଉତ୍କଟ ପରିସ୍ଥିତି ସୃଷ୍ଟି ହୋଇଛି । କିନ୍ତୁ ଏଭଳି ଉତ୍କଟ ପରିସ୍ଥିତିରେ ଅଣଅହେମଦିମାନଙ୍କର ଧ୍ୟାନ ଅହେମଦିମାନଙ୍କ ଆଡ଼କୁ ହୋଇଯାଏ । ବିରୋଧ ବୃଦ୍ଧି ପାଉଛି । ସେମାନେ ପୁରୁଣା କବରକୁ ମଧ୍ୟ ଓପାଡ଼ିବାକୁ ପଛାଉ ନାହାନ୍ତି । ଅତ୍ୟନ୍ତ ନୀଚ ପ୍ରକୃତିର ଲୋକ ଅଟନ୍ତି । ଅଲ୍ଲାଃତାଲା ଯଥାଶୀଘ୍ର ସେମାନଙ୍କୁ ଧରନ୍ତୁ । ସେହିପରି ଉପଦ୍ୱୀପରେ ବାସ କରୁଥିବା ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ସେମାନେ ମଧ୍ୟ ଆଜିକାଲି ବିଭିନ୍ନ ସମସ୍ୟାରେ ଗ୍ରସିତ । ଆଫଗାନିସ୍ତାନର ଅହମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ସମସ୍ତଙ୍କ ଉପରେ ନିଜର କୃପା ଅବତୀର୍ଣ୍ଣ କରନ୍ତୁ । ଆମିନ୍ ।

ହୁଜୁର ଅନୱର୍ ଅ.ବ କହିଲେ : ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ସେମାନଙ୍କର ନମାଜ ଯନାଜାଃ ପଢେଇବି । ସର୍ବପ୍ରଥମ ମୃତକ ଜଣକ ହେଲେ ସମ୍ମାନନୀୟ ସ୍ୱର୍ଗତ ନସିମ୍ ମେହ୍‌ଦୀ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର । ବିଗତ ଦିନ ୬୯ ବର୍ଷ ବୟସରେ ତାଙ୍କର ପରଲୋକ ହୋଇ ଯାଇଛି । **ଇନ୍ନା ଲିଲ୍ଲାଃହି ୱଇନ୍ନା ଇଲୈହି ରାଜିଉନ୍** । ସ୍ୱର୍ଗତ ୧୯୭୬ ମସିହାରେ ଯାମିୟା ଅହେମଦିୟାରୁ ଶିକ୍ଷା ସମାପ୍ତ କରିଥିଲେ । ୧୯୮୩ ମସିହାରେ ତାଙ୍କୁ ସୁଇଜରଲାଣ୍ଡ୍‌ର ମୁବଲ୍ଲିଗ୍ ଭାବରେ ପ୍ରେରଣ କରାଯାଇଥିଲା । ୧୯୮୪ ମସିହାରେ ତାଙ୍କୁ ନାଏବ୍ ୱକିଲୁତ୍ ତବଶୀର୍ ଭାବରେ ନିଯୁକ୍ତ କରାଯାଇଥିଲା । ୧୯୮୪ ମସିହା ଡ଼ିସେମ୍ବର ମାସରେ ସେ ଲଣ୍ଡନ ଆସିଥିଲେ । ଏଠାରେ ହୁଜୁର ଅ.ବଙ୍କ ବ୍ୟକ୍ତିଗତ ସଚିବ ଭାବରେ ମଧ୍ୟ ସେ ଦାୟିତ୍ୱ ତୁଲାଇବାକୁ ସାମର୍ଥ୍ୟଲାଭ କରିଥିଲେ । ୧୯୮୫ ମସିହାରୁ ୨୦୦୮ ମସିହା ପର୍ଯ୍ୟନ୍ତ ଜଣେ ମୁବଲ୍ଲିଗ୍ ହିସାବରେ ଏବଂ ଏହାପରେ କାନାଡ଼ାର ମୁବଲ୍ଲିଗ୍ ଇନଚାର୍ଜ ଭାବରେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ଉକ୍ତ ଅବଧିରେ ସେ କାନାଡ଼ାର ଅମୀର୍ ମଧ୍ୟ ରହିଥିଲେ । ୨୦୦୯ ମସିହାରୁ ୨୦୧୬ ମସିହା ପର୍ଯ୍ୟନ୍ତ ଆମେରିକାର ମୁବଲ୍ଲିଗ୍ ଇନ୍‌ଚାର୍ଜ ଭାବରେ ମଧ୍ୟ ସେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ କରିଥିଲେ । ୧୯୮୬ ମସିହାରେ ମିଶନ ହାଉସ୍ ବୈତୁଲ୍ ଇସ୍‌ଲାମ୍ ପାଇଁ ୨୪ ହେକ୍ଟର ଭୂମି କ୍ରୟ କରାଗଲା ଏବଂ ପରେ ଏହାକୁ ବାସୋପଯୋଗୀ ମଧ୍ୟ କରାଗଲା । ତାଙ୍କ କାଳରେ ଅନେକ ଅହେମଦିମାନେ ଆସି କାନାଡ଼ା ଠାରେ ବସବାସ କଲେ ଏବଂ ସେ ସେହି ଲୋକମାନଙ୍କୁ ଖୁବ୍ ସାହାଯ୍ୟ ମଧ୍ୟ କରିଥିଲେ । ଅନେକ ଲୋକମାନେ ତାଙ୍କର କୃତଜ୍ଞ ଅଟନ୍ତି । ଟୋରେଣ୍ଟୋ, କ୍ୟାଲ୍‌ଗେରୀରେ ଦୁଇଟି ବଡ଼ ମସ୍‌ଜିଦ୍‌ର ନିର୍ମାଣ କରାଗଲା ଏବଂ ଅନ୍ୟ ଜମାଅତ୍‌ମାନଙ୍କରେ ସେଣ୍ଟର ମଧ୍ୟ ସ୍ଥାପନ କରାଗଲା । ହୁଜୁର ଅନୱର ଅ.ବ କହିଲେ : ମୁଁ ଭାବୁଛି ୱାଙ୍କ୍‌ଓଭର୍‌ର ମସ୍‌ଜିଦ୍ ମଧ୍ୟ ତାଙ୍କ କାଳରେ ନିର୍ମିତ ହୋଇଥିଲା । ସେ ଯାହା ହେଉ ନା କାହିଁକି ଏହି ଦୁଇଟି ବଡ଼ ମସ୍‌ଜିଦ୍ ଅଟେ । ୨୦୦୩ ମସିହାରେ ତାଙ୍କ ସମୟରେ ହିଁ ଅଲ୍ଲାଃତାଲାଙ୍କ ଦୟା ତଥା କୃପା ବଳରେ ଯାମିୟା ଅହେମଦିୟା କାନାଡ଼ା ସ୍ଥାପିତ ହୋଇଥିଲା । ଏମ.ଟି.ଏ ନର୍ଥ ଆମେରିକା ଷ୍ଟେସନ ସ୍ଥାପନ କରିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଅଲ୍ଲାଃତାଲା ତାଙ୍କର ଏହି ସମସ୍ତ ସେବାଗୁଡ଼ିକୁ ଗ୍ରହଣ କରନ୍ତୁ । ଆମିନ୍ ।

ନସୀମ୍ ମେହ୍‌ଦୀ ସାହେବଙ୍କୁ ୨୦୦୯ ମସିହାରେ ଅର୍ଡ଼ର ଅଫ୍ ଓଣ୍ଟାରିଓର ପଦକ ଦ୍ୱାରା ସମ୍ମାନିତ କରା ଯାଇଥିଲା । ଯାହାକି ପ୍ରଦେଶର ସର୍ବୋଚ୍ଚ ସମ୍ମାନ ଅଟେ । ଏହି ସମ୍ମାନ ଯେକୌଣସି ଫିଲ୍‌ଡ଼ରେ ସଫଳତା ପାଇଁ ଏବଂ ସର୍ବୋଚ୍ଚ ସେବା ଲାଗି ପ୍ରଦାନ କରାଯାଇଥାଏ । ଏକଦା ଜଲ୍‌ସା ସାଲାନା ଅବସରରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ନିଜର ଏକ ଭାଷଣରେ ସୁଇଜରଲାଣ୍ଡରେ ନସୀମ୍ ମେହ୍‌ଦୀ ସାହେବଙ୍କ ଚର୍ଚ୍ଚା କରି କହିଲେ, ଅଲ୍ଲାଃତାଲା ତାଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ମୋ ସହିତ ପରାମର୍ଶ କରିବା ପରେ ୮ ହଜାର ବିଶିଷ୍ଟ ଫୋଲଡ଼ର୍ ସୁଇଜରଲାଣ୍ଡର ପାର୍ବତ୍ୟାଞ୍ଚଳରେ ବାସ କରୁଥିବା ଲୋକମାନଙ୍କ ପରିବାର ନିକଟରେ ପହଞ୍ଚାଇ ଦେଇଥିଲେ ।

ଏହାପରେ ହୁଜୁର ଅ.ବ ସ୍ୱର୍ଗତ ମୁହମ୍ମଦ ଅହେମଦ ଶାରିମ୍ ରବୱା, ସମ୍ମାନନୀୟା ସଲିମା କମର୍ ସାହେବା ପତ୍ନୀ ରଶିଦ୍ ଅହେମଦ ସାହେବଙ୍କର ଉତ୍ତମ ଚର୍ଚ୍ଚା କଲେ ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପଢେଇଲେ ।

.....................................

**KHULASA KHUTBA JUMA HUZOOR ANWAR a.b.a**

**3rd June 2022**